# ଭଲ କି କରିନି ମୁହିଁ ?

**କୃଷ୍ଣଚନ୍ଦ୍ର କର**

ବାଳୁତ ସୂରୁଯ ନ ଉଠୁଣୁ ଆଜ
ହସର ଆଲୁଅ ବୁଣି
ଧଡ଼ପଡ଼ ହୋଇ ଉଠିଲି, ବୋଉ ଲୋ
ଶୁଆ, ଶାରୀ ଡାକ ଶୁଣି ।

ପିଞ୍ଜରାରୁ କାଢ଼ି ଦେଲି ଯେବେ ଛାଡ଼ି
ଡେଣା ଝାଡ଼ି କେଡ଼େ ସୁଖେ
ଉଡ଼ିଉଡ଼ି ସେ ଯେ ମିଶିଗଲେ କାହିଁ
ଗହନ ବନର ବୁକେ ।

କହ, ବୋଉ ! କହ ତୁହି,
ଉଡ଼ାଇ ଦେଇ ତୋ ପୋଷା ଶୁଆ, ଶାରୀ
ଭଲ କି କରିନି ମୁହିଁ ?







ଚମ ଧୁଡୁଧୁଡୁ ଫୁଙ୍ଗୁଳା ବୁଢ଼ାଟି
ଦେଖିଲି ସଡ଼କ ଦାଢ଼େ,
ଦିହ ଥୁରୁଥୁରୁ ବାଳ ଫୁରୁଫୁରୁ
ମାଘର ବାଘୁଆ ଜାଡ଼େ ।
କାଲୁଆ ବାଆର ହାବୁକା-ମାଡ଼ରୁ
ବରତିବ ବୋଲି ସିଏ,
ଦିହରୁ କାଢ଼ି ମୋ ଲାଲ ଶାଲଟିକି
ଘୋଡ଼ାଇ ଦେଲି ତା ଦେହେ ।
କହ, ବୋଉ ! କହ ତୁହି
ନିସାହା ବୁଢ଼ାକୁ ଶାଲଟିଏ ଦେଇ
ଭଲ କି କରିନି ମୁହିଁ ?

ବଣ ଶୁଆଶାରୀ ବଣେ ଉଡ଼ିଗଲେ
ଆପଣା ଜନମ ଥାନେ,
ସାଥୀମେଳେ ଏବେ ଗାଉଥିବେ ଡାଳେ
ମନ-ଉଲାସିଆ ତାନେ !



ଶାଲ ପାଇ ବୁଢ଼ା ଶୀତହେମାଳରୁ
ଏ ସାଲଟି ଯିବ ତରି,
ତୋ ପଣତ ପରା ଶୀତବାରଣୀ ମୋ
ଶାଲ କି ହେବ ତା ସରି ?





କହ, ବୋଉ ! କହ ତୁହି,
ନିଆଶୀ ମନରେ ସୁଖ ଟିକେ ଦେଇ
ଭଲ କି କରିନି ମୁହିଁ ?



## ଶିକ୍ଷକଙ୍କ ପାଇଁ ସୂଚନା

- ପ୍ରଥମେ ଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ କିଏ କେଉଁ ଜୀବଜନ୍ତୁ ପାଳିଛନ୍ତି ବୋଲି ପଚାରିବେ ।
- ଜୀବଜନ୍ତୁମାନଙ୍କର ସ୍ୱାଧୀନତା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଧାରଣା ଦେବେ ।
- ସ୍ୱାଧୀନ ଭାବରେ ଜୀବନ ଯାପନ କରୁଥିବା ପ୍ରାଣୀମାନଙ୍କୁ ଆବଦ୍ଧ କରି ରଖିଲେ ସେମାନେ କି କଷ୍ଟ ଅନୁଭବ କରନ୍ତି; ସେ ବିଷୟରେ ସଂକ୍ଷେପରେ ଆଲୋଚନା କରିବେ ।
- ଶୁଆଶାରୀ କିମ୍ବା ବଣି ଚଢ଼େଇଙ୍କୁ ପିଞ୍ଜରା ଭିତରେ ରଖି ଖାଇବାକୁ ଦେବା ଏବଂ ସେମାନେ ମନଇଚ୍ଛା ଉଡ଼ିବୁଲି ଖାଦ୍ୟ ସଂଗ୍ରହ କରିବାରେ କି ତଫାତ୍ ଅଛି; ତାହା ପିଲାମାନଙ୍କଠାରୁ ପଚାରି ଆଦାୟ କରିବେ ।
- ପାଠ ଶେଷରେ ବନ୍ୟପ୍ରାଣୀମାନଙ୍କୁ ଆବଦ୍ଧ କରି ରଖିବା ଦୋଷାବହ ବୋଲି ସରକାର କରିଥିବା ଆଇନ ବିଷୟରେ ପିଲାମାନଙ୍କୁ ବୁଝାଇବେ ।
- ମା'ଙ୍କୁ ବୋଉ ମଧ୍ୟ ଡାକନ୍ତି ବୋଲି ଧାରଣା ଦେବେ ।

## ଆସ ଜାଣିବା କେତୋଟି ଶବ୍ଦ

ବାଲୁତ   ଆଜ   ଗହନ   ଫୁଙ୍ଗୁଳା   ଦାଢ଼େ   ଜାଡ଼େ

କାଲୁଆ ବାଆ   ହାବୁକା   ନିସାହା   ଶୀତବାରଣୀ   ନିଆଶୀ

## ଅଭ୍ୟାସ

### ୧. ଆସ କଥାବାର୍ତ୍ତା ହେବା ।

(କ) ପିଲାଟି କାହାର ଡାକରେ ସକାଳୁ ଉଠିପଡ଼ିଲା ?

(ଖ) ଶୁଆଶାରୀ ପିଞ୍ଜରାରୁ ବାହାରି କେଉଁଆଡ଼େ ଚାଲିଗଲେ ?

(ଗ) ପିଲାଟି ସଡ଼କ ଦାଢ଼ରେ କାହାକୁ ଦେଖିଲା ?

(ଘ) ନିଜର ଲାଲ ଶାଲକୁ ନେଇ ପିଲାଟି କ'ଣ କଲା ?

### ୨. ସରଳ ଭାଷାରେ ବୁଝାଇ ଲେଖିବା ।

ତୋ ପଣତ ପରା ଶୀତ-ବାରଣୀ ମୋ ଶାଳ କି ହେବ ତା ସରି ?

..........................................................................

..........................................................................

..........................................................................

..........................................................................

..........................................................................

**୩. ଆସ ଉତ୍ତର ଲେଖିବା**

(କ) ଶୁଆଶାରୀ ଦୁହେଁ ଆନନ୍ଦରେ ଉଡ଼ିଗଲେ କାହିଁକି ?

(ଖ) ପିଲାଟି ନିଜର ଶାଲଟିକୁ ବୁଢ଼ାକୁ ଦେଲା କାହିଁକି ?

(ଗ) ବଣ ଶୁଆଶାରୀ ଉଡ଼ିଗଲା ପରେ ସାଥୀ ମେଳରେ କ'ଣ କରୁଥିବେ ?

(ଘ) ଶାଲ୍‌ଟି ପାଇ ବୁଢ଼ାଟିର ଅବସ୍ଥାରେ କି ପରିବର୍ତ୍ତନ ହୋଇଥିବ ?

(ଙ) ପିଲାଟି କେଉଁ ଦୁଇଟି ଭଲ କାମ କରିଥିଲା ?

**୪. ବୃତ୍ତ ଭିତରେ କେତେଗୁଡ଼ିଏ ଶବ୍ଦ ଏକାଠି ରଖାଯାଇଛି । କାହା ସହିତ କିଏ ମିଶିବ, ତାକୁ ଏକାଠି ଯୋଡ଼ି ଲେଖିବା ।**

ଯେମିତି – ଫୁଙ୍ଗୁଳା ବୁଢ଼ା

..............................................

..............................................

..............................................

..............................................

..............................................

..............................................

ବାଲୁତ, ପୋଷା, ସଡ଼କ,
ଫୁଙ୍ଗୁଳା, ବାଘୁଆ, ହାବୁକା,
ନିଆଶୀ, ମନ, ଜାଡ଼େ, ମାଡ଼୍,
ସୂରୁଯ, ଗହନ, ବୁଢ଼ା, ଦାଢ଼େ,
ଶୁଆଶାରୀ

**୫. ଏହି କବିତାରୁ କାମକୁ ବୁଝାଉଥିବା କେତୋଟି ଶବ୍ଦ ଖୋଜି ତଳ କୋଠରୀରେ ଲେଖିବା ଯେପରି ........... ଉଠିଲି, ଉଠିଲ ।**

୬. 'ଶୁଣିଲା'ରୁ ଯେପରି 'ଶୁଣି' ହେଉଛି । ସେହିପରି ନିମ୍ନ ଶବ୍ଦଗୁଡ଼ିକର ରୂପ କ'ଣ ହେବ ଲେଖିବା ।

ହେଲା............... କାଢ଼ିଲା...................

ଦେଲା............. ଉଡ଼ିଲା....................

ତରିଲା............ ପାଇଲା...................

୭. ଏହି ପାଠରେ "ଧୁଡୁଧୁଡୁ" ପରି ଆଉ କେତୋଟି ଶବ୍ଦ ବ୍ୟବହାର କରାଯାଇଛି । ତାକୁ ବାଛି ତଳ କୋଠରୀରେ ଲେଖିବା ।

୮. 'ହସ'ର ବିପରୀତ ଅର୍ଥବୋଧକ ଶବ୍ଦ 'କାନ୍ଦ' । ସେହିପରି ନିମ୍ନଲିଖିତ ଶବ୍ଦ ଗୁଡ଼ିକର ବିପରୀତ ଅର୍ଥବୋଧକ ଶବ୍ଦକୁ ଲେଖିବା ।

ସୁଖ.................. ଭଲ......................

ଆପଣା............. ବାଳୁତ..................

୯. 'ସୂରୁଯ'ର ଗଦ୍ୟ ରୂପଟି 'ସୂର୍ଯ୍ୟ' ଅଟେ । ସେହିପରି ନିମ୍ନଲିଖିତ ଶବ୍ଦମାନଙ୍କର ଗଦ୍ୟରୂପକୁ ପାଖ କୋଠରୀରେ ଲେଖିବା ।

ବରତିବ ମରମ

ଜନମ କରମ

**୧୦. କବିତାର କିଛି ଅଂଶ ଛାଡ଼ି ଦିଆଯାଇଛି । ଆସ ସେହି ଅଂଶତକ ମନେ ପକାଇ ଲେଖିବା ।**

(କ) ............................... ବଣେ ଗଲେ ଉଡ଼ି ।

(ଖ) ପିଞ୍ଜରାରୁ କାଢ଼ି........................... ।

(ଗ) ନିଆଶୀ ମନରେ.......................... ଭଲ କି କରିନି ମୁହିଁ ?

**୧୧. ଯେଉଁଗୁଡ଼ିକ ଭଲକାମ ତାକୁ ବାଛି ତଳ କୋଠରୀରେ ଲେଖିବା ।**

ଖେଳାବୁଲାରେ ସମୟ କଟାଇବା, ନିସାହା ବୁଢ଼ାକୁ ସାହାଯ୍ୟ କରିବା, ପିଞ୍ଜରାରେ ଶୁଆଶାରୀଙ୍କୁ ରଖିବା, ଅନ୍ଧକୁ ବାଟ କଢ଼ାଇବା, ସୂର୍ଯ୍ୟୋଦୟ ପୂର୍ବରୁ ଶେଯରୁ ଉଠିବା ।

## ତୁମ ପାଇଁ କାମ

- ପ୍ରତିଦିନ ତୁମେ ଯେଉଁସବୁ ଭଲକାମ କରୁଛ, ତାହାକୁ ଗୋଟାଏ ଖାତାରେ ଲେଖି ରଖ ।
- ତୁମ ସାଙ୍ଗମାନଙ୍କ ମଧ୍ୟରୁ କେହି ଯଦି କୌଣସି ପକ୍ଷୀକୁ ପଞ୍ଜୁରୀରେ ରଖିଥାନ୍ତି, ତେବେ ସେହି ପକ୍ଷୀକୁ ଛାଡ଼ି ଦେବାକୁ ବୁଝାଅ ।